# କରୋନା ସମୟରେ ଗ୍ରାମୀଣ ଅଞ୍ଚଳରେ ବ୍ୟାଙ୍କ ସଖୀମାନଙ୍କର ସେବା



ଭୁବନେଶ୍ବର (ସମ୍ବାଦ): ଏଫ୍.ଆଇ.ଏ ଗ୍ଲୋବାଲ ବ୍ୟାଙ୍କ ସଖୀମାନଙ୍କ ସହାୟତାରେ ଭାରତ ଓ ନେପାଳରେ ଆର୍ଥିକ ଅନ୍ତର୍ଭୁକ୍ତି ଡିଜିଟାଲ ହସ୍ତାନ୍ତର କରିବାରେ ଫିନ୍‌ଟେକ୍ କମ୍ପାନୀ ଯାହା କୋଭିଡ-୧୯ ସଙ୍କଟର ମୁକାବିଲା ଦିଗରେ ନିରନ୍ତର ସହଯୋଗ କରୁଛି । ପ୍ରାୟ ୩୫୦୦ ବ୍ୟାଙ୍କ ସଖୀ ଦେଶରେ ନଗଦ ଟଙ୍କା ହସ୍ତାନ୍ତର କରୁଛନ୍ତି । ସାମାଜିକ ଦୂରତାକୁ ଦୃଷ୍ଟିରେ ରଖି ଦେଶବ୍ୟାପୀ ସେବା ପହଞ୍ଚାଉଛନ୍ତି । ଲକ୍‌ଡାଉନ୍ ସମୟରେ ବି ମହିଳା ସଶକ୍ତିକରଣର ଏହା ଏକ ଅନନ୍ୟ ଉଦାହରଣ । କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଗରୀବ, କୃଷକ ତଥା ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବିଭିନ୍ନ ରିଲିଫ୍ ପ୍ୟାକେଜ୍ ଘୋଷଣା କରିଛନ୍ତି । ଏହା ହିତାଧିକାରୀଙ୍କ ପାଖେ ସୁନିଶ୍ଚିତ ପହଞ୍ଚାଇବାର ଦାୟିତ୍ୱ ବ୍ୟାଙ୍କ ମିତ୍ର ବା ବ୍ୟାଙ୍କ ସଖୀମାନଙ୍କୁ ଦିଆଯାଇଛି । କାର୍ଗିଲ ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏମାନେ ମାସ୍କ ପିନ୍ଧି ଗ୍ଲୋଭସ୍ ଲଗାଇ ସାନିଟାଇଜର୍ ସଂପର୍କରେ ପୂର୍ବକ ସେବା ପହଞ୍ଚାଇବା ସହ ଲୋକଙ୍କୁ ସଚେତନ କରୁଛନ୍ତି । ସମସ୍ତ ଭାରତୀୟ ଏକ ସୁସ୍ଥ ପରିବେଶ ନିର୍ମାଣ ଦିଗରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ, ବୋଲି ଏଫ୍.ଆଇ.ଏ ଗ୍ଲୋବାଲର ମୁଖ୍ୟ ସେଲ୍ସ ଅଧିକାରୀ ଦ୍ୱୀପାୟନ ଚୌଧୁରୀ କହିଛନ୍ତି ।